



## ୧୦.୪ ରାଷ୍ଟ୍ରପତିଙ୍କ ସ୍ଥିତି ବା ସ୍ଥାନ

ରାଷ୍ଟ୍ରପତି ପଦବୀ ଅତ୍ୟନ୍ତ ସମ୍ମାନ ଜନକ ଓ ପ୍ରମୁଖ ପଦବୀ ଅଟେ । କିନ୍ତୁ ଏହି ପଦବୀରେ ପ୍ରକୃତ କ୍ଷମତା ନଥାଏ । ତାଙ୍କୁ ନିୟମାନୁଯାୟୀ ଦିଆଯାଇଥିବା କ୍ଷମତା ଗୁଡ଼ିକୁ ସିଏ ନିଜେ ପ୍ରୟୋଗ କରନ୍ତି ନାହିଁ । ଏହି କ୍ଷମତାକୁ କେନ୍ଦ୍ର ମନ୍ତ୍ରୀ ପରିଷଦର ସଭ୍ୟମାନେ ତାଙ୍କ ନାମରେ କାର୍ଯ୍ୟକାରୀ କରନ୍ତି । ଯଦି ରାଷ୍ଟ୍ରପତି ମନ୍ତ୍ରୀମାନଙ୍କ ଇଚ୍ଛା ବିରୁଦ୍ଧରେ କାର୍ଯ୍ୟ କରିବା ପାଇଁ ଚେଷ୍ଟା କରନ୍ତି ତେବେ ଏହା ସାଂବିଧାନିକ ସଂକଟ ସୃଷ୍ଟି କରିବ । ଏପରିକି ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ମହାଭିଯୋଗ ପ୍ରସ୍ତାବ ଅଣାଯାଇ ପାରେ ଓ ସିଏ ବହିଷ୍କୃତ ହୋଇ ପାରନ୍ତି । ତେଣୁ ରାଷ୍ଟ୍ରପତିଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ଅନୁସାରେ କାର୍ଯ୍ୟକରିବା ବ୍ୟତିରେକ ଅନ୍ୟ କୌଣସି ବିକଳ୍ପ ନାହିଁ । କାରଣ ପ୍ରଧାନମନ୍ତ୍ରୀ ହେଉଛନ୍ତି କାର୍ଯ୍ୟପାଳିକାର ପ୍ରକୃତ ମୁଖ୍ୟ । ପ୍ରଧାନମନ୍ତ୍ରୀ ସର୍ବଦା ରାଷ୍ଟ୍ରପତିଙ୍କ ସହ ଯୋଗାଯୋଗ ରକ୍ଷା କରିଥାଆନ୍ତି ।

ମନ୍ତ୍ରୀ ପରିଷଦ ଲୋକସଭା ନିକଟରେ ଦାୟୀ ଏବଂ କେବଳ ଲୋକସଭାର ବିପକ୍ଷ ମତଦାନରେ କ୍ଷମତାଚ୍ୟୁତ ହୋଇଥାଆନ୍ତି । କାର୍ଯ୍ୟକାରୀତା ଦୃଷ୍ଟିରୁ ମନ୍ତ୍ରୀମାନେ ରାଷ୍ଟ୍ରପତିଙ୍କ ଇଚ୍ଛା ଅନୁସାରେ କ୍ଷମତାରେ ରୁହନ୍ତି ନାହିଁ ।

୪୨ତମ ସମ୍ବିଧାନ ସଂଶୋଧନ ପରେ ରାଷ୍ଟ୍ରପତି ମନ୍ତ୍ରୀପରିଷଦର ପରାମର୍ଶରେ କାର୍ଯ୍ୟ କରିବାକୁ ବାଧ୍ୟ । ରାଷ୍ଟ୍ରପତି ସ୍ୱାଧୀନ ଭାବରେ କୌଣସି କାର୍ଯ୍ୟ କରିପାରିବେ ନାହିଁ ।

ରାଷ୍ଟ୍ରପତିଙ୍କର କ୍ଷମତା କେବଳ ଆଇନ୍ ସମ୍ମତ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ମନ୍ତ୍ରୀପରିଷଦ ହିଁ ପ୍ରକୃତ କାର୍ଯ୍ୟପାଳିକା । ୪୪ତମ ସଂବିଧାନ ସଂଶୋଧନ ଅନୁସାରେ ରାଷ୍ଟ୍ରପତି ସଂସଦ ଦ୍ୱାରା ପାଶ୍ ହୋଇଥିବା କୌଣସି ବିଲ୍‌କୁ ପୁନଃ ବିଚାର ପାଇଁ କେବଳ ଗୋଟିଏ ଥର ଫେରାଇ ଦେଇପାରିବେ । ଯଦି ସେହି ବିଲ୍ ପୁଣି ସଂସଦ ଦ୍ୱାରା ପାଶ୍ ହୁଏ ତେବେ ରାଷ୍ଟ୍ରପତି ସ୍ୱୀକୃତି ଦେବାକୁ ବାଧ୍ୟ । ସଂବିଧାନ ପ୍ରଣୟନ ସଭାରେ ଡ଼ଃ. ବି. ଆର୍. ଆମ୍ବେଦକର ସେଥିପାଇଁ କହିଥିଲେ "ରାଷ୍ଟ୍ରପତିଙ୍କର ସ୍ଥିତି ବ୍ରିଟିଶ୍ ସାଂବିଧାନିକ ବ୍ୟବସ୍ଥାରେ ସମ୍ରାଟଙ୍କ ସ୍ଥିତି ସହ ସମାନ" । କିନ୍ତୁ ପ୍ରକୃତରେ ଭାରତର ରାଷ୍ଟ୍ରପତି କେବଳ ଏକ ରବର ଷ୍ଟାମ୍ପ ନୁହଁନ୍ତି । ସଂବିଧାନ ଅନୁସାରେ ସଂବିଧାନକୁ ବଜାୟ ରଖିବା, ରକ୍ଷାକରିବା ଓ ସୁରକ୍ଷା ଦେବା ରାଷ୍ଟ୍ରପତିଙ୍କ କର୍ତ୍ତବ୍ୟ । ରାଷ୍ଟ୍ରପତି ନୂତନ ଭାବରେ ନିଯୁକ୍ତ ପ୍ରଧାନମନ୍ତ୍ରୀଙ୍କୁ ଲୋକସଭାରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନିଜର ସଂଖ୍ୟା ଗରିଷ୍ଠତାର ପ୍ରମାଣ ଦେବାକୁ ଆଦେଶ ଦେଇପାରିବେ । ରାଷ୍ଟ୍ରର ସମସ୍ତ ପ୍ରଶାସନ ତାଙ୍କ ନାମରେ କାର୍ଯ୍ୟକାରୀ ହୋଇଥାଏ । ରାଷ୍ଟ୍ରପତି ଯେ କୌଣସି ମନ୍ତ୍ରୀଙ୍କଠାରୁ ଯେ କୌଣସି ତଥ୍ୟ ଜାଣିବାକୁ ଆଦେଶ ଦେଇ ପାରିବେ । ମନ୍ତ୍ରୀ ମଣ୍ଡଳରେ ନିଆଯାଉଥିବା ସମସ୍ତ ନିଷ୍ପତ୍ତି ରାଷ୍ଟ୍ରପତିଙ୍କୁ ଜଣାଯାଏ । ଶାସନ ସଂବନ୍ଧିତ ସମସ୍ତ ତଥ୍ୟକୁ ରାଷ୍ଟ୍ରପତିଙ୍କୁ ଜଣାଯାଏ । ଏହି ପୃଷ୍ଠଭୂମି ଉପରେ ରାଷ୍ଟ୍ରପତିଙ୍କର ପ୍ରକୃତ ଗୁରୁତ୍ୱ ଜଣାଯାଇଥାଏ । ଏହା ପ୍ରମାଣିତ ହୁଏ ଯେହେତୁ ରାଷ୍ଟ୍ରପତି ସରକାରଙ୍କୁ ନିଜ ମତାମତ ପ୍ରଦାନ କରିଥାଆନ୍ତି, ଉତ୍ସାହିତ କରିଥାଆନ୍ତି ଓ ଚେତାବନୀ ଦେଇଥାଆନ୍ତି । ତେଣୁ ପ୍ରକୃତପକ୍ଷରେ ରାଷ୍ଟ୍ରପତି ସରକାରଙ୍କ ଜଣେ ଉପଦେଷ୍ଟା, ବନ୍ଧୁ ଓ ସମାଲୋଚକ ।

ସର୍ବଶେଷରେ ଆମେ ରାଷ୍ଟ୍ରପତିଙ୍କ ସ୍ଥିତିକୁ ଡ଼. ବି. ଆର ଆମ୍ବେଦକରଙ୍କ ଭାଷାରେ ବର୍ଣ୍ଣନା କରିପାରିବା । ତାଙ୍କ ମତରେ ରାଷ୍ଟ୍ରପତି ହେଉଛନ୍ତି ରାଷ୍ଟ୍ରମୁଖ୍ୟ କିନ୍ତୁ କାର୍ଯ୍ୟପାଳିକା ନୁହନ୍ତି । ରାଷ୍ଟ୍ରପତି ଆମ ରାଷ୍ଟ୍ରକୁ ପ୍ରତିନିଧିତ୍ୱ କରନ୍ତି କିନ୍ତୁ ଭାରତର ଶାସକ ନୁହନ୍ତି । ରାଷ୍ଟ୍ରପତି ଆମ ରାଷ୍ଟ୍ରର ପ୍ରତୀକ । ଶାସନ ବ୍ୟବସ୍ଥାରେ ତାଙ୍କ ସ୍ଥାନ କେବଳ ଏକ ଔପଚାରିକ ମୁଖ୍ୟ ଛଡ଼ା ଆଉ କିଛି ନୁହେଁ ।

## ୧୦.୫ ଉପରାଷ୍ଟ୍ରପତି

ଭାରତର ସଂବିଧାନ ଭାରତରେ ଉପରାଷ୍ଟ୍ରପତି ପଦବୀ ସୃଷ୍ଟି କରିଛି । ଉପରାଷ୍ଟ୍ରପତି ପରୋକ୍ଷ ଭାବରେ ସଂସଦର ଉଭୟକକ୍ଷର ସଭ୍ୟମାନଙ୍କ ଦ୍ୱାରା ଗଠିତ ନିର୍ବାଚନ ମଣ୍ଡଳୀଦ୍ୱାରା ନିର୍ବାଚିତ ହୋଇଥାଆନ୍ତି । ଏହି ନିର୍ବାଚନ ସମାନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ଅନୁସାରେ ଏକକ ହସ୍ତାନ୍ତରୀତ ଭୋଟ ପ୍ରଣାଳୀ ଅନୁସାରେ

ହୋଇଥାଏ । ନିର୍ବାଚନ ଗୁପ୍ତଭୋଟ ମାଧ୍ୟମରେ କରାଯାଇଥାଏ । ଉପରାଷ୍ଟ୍ରପତି ସଂସଦର କୌଣସି କକ୍ଷର ସଭ୍ୟ ବା କୌଣସି ରାଜ୍ୟର ବ୍ୟବସ୍ଥାପିକାର ସଭ୍ୟ ହୋଇପାରିବେ ନାହିଁ । ଉପରାଷ୍ଟ୍ରପତି ଭାବରେ ନିର୍ବାଚିତ ହେବାପାଇଁ ଜଣେ ବ୍ୟକ୍ତିଙ୍କର ନିମ୍ନୋକ୍ତ ଯୋଗ୍ୟତା ଥିବା ଆବଶ୍ୟକ ।

ସେ ଭାରତର ନାଗରିକ ହୋଇଥିବେ, ତାଙ୍କ ବୟସ ୩୫ବର୍ଷରୁ କମ୍ ହୋଇନଥିବ, ସେ କୌଣସି ଲାଭଜନକ ଦାୟିତ୍ୱରେ ନଥିବେ ଏବଂ ତାଙ୍କର ରାଜ୍ୟସଭାକୁ ନିର୍ବାଚିତ ହେବାପାଇଁ ସମସ୍ତ ଯୋଗ୍ୟତା ଥିବ ।

ଉପରାଷ୍ଟ୍ରପତି ୫ବର୍ଷପାଇଁ ନିର୍ବାଚିତ ହୁଅନ୍ତି । ସେ ରାଷ୍ଟ୍ରପତିଙ୍କୁ ଲିଖିତ ଆକାରରେ ଜଣାଇ ୫ବର୍ଷ ପୁରଣ ହେବା ପୂର୍ବରୁ ଇସ୍ତଫା ଦେଇପାରିବେ । ଯଦି ୫ବର୍ଷ ପୂର୍ବରୁ ତାଙ୍କ ବିରୁଦ୍ଧରେ ତାଙ୍କୁ ବହିଷ୍କାର କରିବାପାଇଁ ଏକ ପ୍ରସ୍ତାବ ରାଜ୍ୟସଭାରେ ସଂଖ୍ୟା ଗରିଷ୍ଠ ଭୋଟରେ ପାଶ୍ ହୋଇ ଲୋକସଭାର ସମର୍ଥନ ଲାଭକରେ ତେବେ ସିଏ କ୍ଷମତାଚ୍ୟୁତ ହୋଇଥାଆନ୍ତି ।

## ୧୦.୫.୧ ଉପରାଷ୍ଟ୍ରପତିଙ୍କ କ୍ଷମତା ବା କାର୍ଯ୍ୟାବଳୀ

ଉପରାଷ୍ଟ୍ରପତି ନିଜ ପଦବୀ ବଳରେ ରାଜ୍ୟସଭାର ଅଧ୍ୟକ୍ଷ ପଦ ଅଳଙ୍କୃତ କରନ୍ତି । ଏହାର ଅର୍ଥ ହେଲା ଯିଏ ଉପରାଷ୍ଟ୍ରପତି ହୁଅନ୍ତି ସେ ରାଜ୍ୟସଭାର ଅଧ୍ୟକ୍ଷ ହୁଅନ୍ତି ଓ ସଭାର ଅଧ୍ୟକ୍ଷ ଭାବରେ ନିଜର କର୍ତ୍ତବ୍ୟ ପାଳନ କରନ୍ତି । ଏହି କ୍ଷମତା ଅନୁସାରେ ସେ ରାଜ୍ୟସଭାରେ ଶୃଙ୍ଖଳା ରକ୍ଷାକରନ୍ତି, ସଭ୍ୟମାନଙ୍କୁ ନିଜ ମତ ପ୍ରକାଶ କରିବା ଓ ପ୍ରଶ୍ନକରିବାକୁ ଅନୁମତି ଦେଇଥାଆନ୍ତି ଓ ବିଭିନ୍ନ ବିଠାକୁ କକ୍ଷ ସମ୍ମୁଖରେ ଉପସ୍ଥାପନ କରିଥାଆନ୍ତି ଓ ବିଠାକୁ ପାଶ୍ କରିବା ପାଇଁ ଭୋଟ ଗ୍ରହଣ କରିଥାଆନ୍ତି । ଯେହେତୁ ଉପରାଷ୍ଟ୍ରପତି ରାଜ୍ୟସଭାର ସଭ୍ୟ ନୁହନ୍ତି, ତାଙ୍କର ଭୋଟ ଦେବାର ଅଧିକାର ନାହିଁ । କିନ୍ତୁ ଯଦି ଭୋଟ ଗଣତି ପରେ ସପକ୍ଷ ଓ ବିପକ୍ଷ ଭୋଟ ସଂଖ୍ୟା ସମାନ ହୁଏ ତେବେ ଉପରାଷ୍ଟ୍ରପତି ତାଙ୍କ ନିର୍ଣ୍ଣାୟକ ଭୋଟ ପ୍ରଦାନ କରିପାରିବେ ଯାହାଦ୍ୱାରା ଏକ ନିଷ୍ପତ୍ତି ସମ୍ଭବ ହୋଇଥାଏ ।

ଯଦି ରାଷ୍ଟ୍ରପତି ପଦବୀ ରାଷ୍ଟ୍ରପତିଙ୍କ ମୃତ୍ୟୁ, ଇସ୍ତଫା ବା ମହାଭିଯୋଗ ଯୋଗୁ ଖାଲିପଡ଼େ ତେବେ ଉପରାଷ୍ଟ୍ରପତି ଅତି ବେଶିରେ ଛଅମାସ ପର୍ଯ୍ୟନ୍ତ ରାଷ୍ଟ୍ରପତି ପଦବୀ ଅଳଙ୍କୃତ କରିପାରିବେ (ପୂର୍ବରୁ ବର୍ଣ୍ଣିତ) । ସେହି ସମୟରେ ସେ ରାଷ୍ଟ୍ରପତିଙ୍କ ସମସ୍ତ କ୍ଷମତା ଉପଭୋଗ କରନ୍ତି ଏବଂ ସେତେବେଳେ ସେ ରାଜ୍ୟସଭାର ଅଧ୍ୟକ୍ଷତା କରନ୍ତି ନାହିଁ ।

ଯଦି ରାଷ୍ଟ୍ରପତି କୌଣସି କାରଣରୁ ଅସ୍ଥାୟୀ ଭାବରେ ତାଙ୍କ କାର୍ଯ୍ୟ ନିର୍ବାହ କରିବା ପାଇଁ ଅଯୋଗ୍ୟ ହୁଅନ୍ତି ତେବେ ଉପରାଷ୍ଟ୍ରପତି ରାଷ୍ଟ୍ରପତି ପଦବୀ ଅଳଙ୍କୃତ ନ କରି କାର୍ଯ୍ୟକାରୀ ରାଷ୍ଟ୍ରପତି ଭାବରେ କାର୍ଯ୍ୟ କରନ୍ତି ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୦.୩


୧। କିଏ ଭାରତର ସେନା ବାହିନୀର ମୁଖ୍ୟ ସେନାପତି ?

୨। କାହା ପ୍ରସ୍ତାବ ଅନୁସାରେ ମନ୍ତ୍ରୀ ପରିଷଦର ସଦସ୍ୟମାନେ ନିଯୁକ୍ତି ହୁଅନ୍ତି ?

୩। ରାଷ୍ଟ୍ରପତିଙ୍କ ବହିଷ୍କାର ବ୍ୟବସ୍ଥାକୁ କ'ଣ କୁହାଯାଏ ?

୪। ରାଜ୍ୟସଭାର କେତେ ଜଣ ସଭ୍ୟଙ୍କୁ ରାଷ୍ଟ୍ରପତି ମନୋନୀତ କରିଥାନ୍ତି ?

୫। କେଉଁମାନେ ଭାରତର ଉପରାଷ୍ଟ୍ରପତିଙ୍କୁ ନିର୍ବାଚିତ କରନ୍ତି ?



Notes

୬। ରାଷ୍ଟ୍ରପତିଙ୍କର ଯେ କୌଣସି ଗୋଟିଏ ବିଚାରଗତ କ୍ଷମତା ଉଲ୍ଲେଖ କର ?

୭। କେଉଁ ପ୍ରକାର ଚିଠା ବା ବିଲ୍ ପ୍ରାୟତଃ ରାଷ୍ଟ୍ରପତିଙ୍କ ବିନା ଅନୁମତିରେ ଲୋକସଭାରେ ଆଗତ ହୋଇପାରିବ ?

## ୧୦.୬ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀ ପରିଷଦ

ରାଷ୍ଟ୍ରପତିଙ୍କ କାର୍ଯ୍ୟପାଳିକା କ୍ଷମତାକୁ ମନ୍ତ୍ରୀପରିଷଦ କାର୍ଯ୍ୟକାରୀ କରିଥାଏ । ସମ୍ବିଧାନରେ ଉଲ୍ଲେଖ ହୋଇଛି ଯେ "ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗୋଟିଏ ମନ୍ତ୍ରୀ ପରିଷଦ ସାହାଯ୍ୟ ଓ ପରାମର୍ଶ ଦେବା ପାଇଁ ରହିବ ।" ଏଠାରେ 'ରହିବ' ଶବ୍ଦଟି ଜଣାଇ ଦେଉଛି ଯେ ରାଷ୍ଟ୍ରପତି ମନ୍ତ୍ରୀପରିଷଦ ବିନା କାର୍ଯ୍ୟ କରିପାରିବେ ନାହିଁ । ରାଷ୍ଟ୍ରପତି ଭାରତର ସାମ୍ବିଧାନିକ ମୁଖ୍ୟ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ହେଉଛନ୍ତି ପ୍ରକୃତ ମୁଖ୍ୟ ।

### ୧୦.୬.୧ ପ୍ରଧାନମନ୍ତ୍ରୀଙ୍କ ନିଯୁକ୍ତି

ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତି ହୋଇଥାନ୍ତି, କିନ୍ତୁ ରାଷ୍ଟ୍ରପତିଙ୍କର ପ୍ରଧାନମନ୍ତ୍ରୀଙ୍କ ଚୟନରେ କୌଣସି ସ୍ୱାଧୀନତା ନଥାଏ । ସାଧାରଣତଃ ରାଷ୍ଟ୍ରପତିଙ୍କୁ ସଂଖ୍ୟାଗରିଷ୍ଠ ଦଳର ନେତାଙ୍କୁ ସରକାର ଗଢ଼ିବା ପାଇଁ ନିମନ୍ତ୍ରଣ କରିବାକୁ ପଡ଼ିଥାଏ । ଯଦି କୌଣସି ଦଳ ଏକକ ଭାବରେ ସଂଖ୍ୟା ଗରିଷ୍ଠତା ହାସଲ ନକରିନ୍ତି ତେବେ ରାଷ୍ଟ୍ରପତି ସେହି ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରନ୍ତି ଯିଏ କି ଦୁଇ ବା ତତୋଧିକ ଦଳମାନଙ୍କ ଦ୍ୱାରା ସମର୍ଥନ ଲାଭ କରୁଥିବେ ଓ ସେମାନେ ଲୋକସଭାରେ ସଂଖ୍ୟାଗରିଷ୍ଠତା ସାବ୍ୟସ୍ତ କରୁଥିବେ । ଥରେ କ୍ଷମତାକୁ ଆସିଲେ ପ୍ରଧାନମନ୍ତ୍ରୀ ସେତେବେଳ ପର୍ଯ୍ୟନ୍ତ କ୍ଷମତାସୀନ ରୁହନ୍ତି ଯେତେବେଳ ପର୍ଯ୍ୟନ୍ତ ସେ ଲୋକସଭାରେ ସଂଖ୍ୟା ଗରିଷ୍ଠ ସଭ୍ୟଙ୍କ ସମର୍ଥନ ପାଇଥାଆନ୍ତି । ସାଧାରଣତଃ ପ୍ରଧାନମନ୍ତ୍ରୀ ଲୋକସଭାରେ ସଂଖ୍ୟା ଗରିଷ୍ଠ ଦଳର ନେତା । ତାଥାପି ବହୁ ଦୃଷ୍ଟାନ୍ତ ରହିଛି ଯେ ରାଜ୍ୟସଭାର ସଦସ୍ୟଙ୍କୁ ପ୍ରଧାନମନ୍ତ୍ରୀ କରାଯାଇଛି । ଏହା ୧୯୬୬ମସିହାରେ ପ୍ରଥମେ ଘଟିଥିଲା । ଯେତେବେଳେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ନିଯୁକ୍ତି ହୋଇଥିଲେ । ସେହିପରି ଏହା ଘଟିଥିଲା ଯେତେବେଳେ ଆଇ.କେ. ଗୁଜରାଲ ୧୯୭୭ମସିହାରେ ପ୍ରଧାନମନ୍ତ୍ରୀ ହୋଇଥିଲେ ବା ୨୦୦୪ ମସିହାରେ ରାଜ୍ୟସଭା ସଦସ୍ୟ ଡ଼. ମନମୋହନ ସିଂ ପ୍ରଧାନମନ୍ତ୍ରୀ ହୋଇଥିଲେ । ସେହିପରି ୧୯୯୬ମସିହାରେ ଏଚ୍. ଡ଼ି. ଦେବଗୌଡ଼ ସଂସଦର କୌଣସି କକ୍ଷର ସଭ୍ୟ ନ ହୋଇ ପ୍ରଧାନମନ୍ତ୍ରୀ ହୋଇଥିଲେ ଓ ପରବର୍ତ୍ତୀ ସମୟରେ ରାଜ୍ୟସଭାର ସଦସ୍ୟ ହୋଇଥିଲେ ।

ମନ୍ତ୍ରୀପରିଷଦର ସଭ୍ୟମାନେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୋଇଥାଆନ୍ତି । ମନ୍ତ୍ରୀମାନଙ୍କୁ ଚୟନ କଲାବେଳେ ପ୍ରଧାନମନ୍ତ୍ରୀ ବିଭିନ୍ନ ଅଞ୍ଚଳ, ବିଭିନ୍ନ ଧର୍ମ, ଓ ଜାତିଉପରେ ପ୍ରତିଷ୍ଠିତ ଗୋଷ୍ଠୀଙ୍କୁ ଧ୍ୟାନରେ ରଖି କରିବାକୁ ପଡ଼ିଥାଏ । ଗୋଟିଏ ମିଳିତ ସରକାରରେ ମିଳିତ ଦଳର ସଦସ୍ୟମାନଙ୍କୁ ମନ୍ତ୍ରୀପରିଷଦରେ ସ୍ଥାନ ଦେବାକୁ ଗୁରୁତ୍ୱ ଦିଆଯାଇଥାଏ । ପ୍ରଧାନମନ୍ତ୍ରୀ ବିଭିନ୍ନ ମନ୍ତ୍ରୀଙ୍କର ମଧ୍ୟ ବିଭାଗ ବଣ୍ଟନ କରିଥାନ୍ତି ଓ ସେ ନିଜ ଇଚ୍ଛାରେ ବିଭାଗ ଅଦଳବଦଳ କରିପାରିବେ ।

ଜଣେ ବ୍ୟକ୍ତି ମନ୍ତ୍ରୀ ହେବା ପାଇଁ ସଂସଦର ଯେ କୌଣସି କକ୍ଷର ସଭ୍ୟ ହୋଇଥିବେ। ଏପରିକି ସଂସଦର କୌଣସି କକ୍ଷର ସଭ୍ୟ ନ ହୋଇ ଜଣେ ବ୍ୟକ୍ତି ଛଅମାସ ପାଇଁ ମନ୍ତ୍ରୀ ହୋଇପାରିବେ। ଏହି ଛଅମାସ ମଧ୍ୟରେ ସେହି ବ୍ୟକ୍ତି ସଂସଦର ଯେ କୌଣସି କକ୍ଷକୁ ସଭ୍ୟଭାବରେ ନିର୍ବାଚିତ ହେବାକୁ ବାଧ୍ୟ। ନଚେତ୍ ତାଙ୍କ ମନ୍ତ୍ରୀପଦ ରଦ୍ଦ ହୋଇଥାଏ। ସମସ୍ତ ମନ୍ତ୍ରୀ ମିଳିତ ଭାବରେ ଓ ବ୍ୟକ୍ତିଗତ ଭାବରେ ଲୋକସଭା ନିକଟରେ ଦାୟୀ।

ମନ୍ତ୍ରୀପରିଷଦ ଦୁଇପ୍ରକାର ମନ୍ତ୍ରୀଙ୍କୁ ନେଇ ଗଠିତ ହୋଇଥାଏ । ସେମାନେ ହେଲେ କ୍ୟାବିନେଟ୍ ପାହ୍ୟାର ମନ୍ତ୍ରୀ ଓ ରାଷ୍ଟ୍ରମନ୍ତ୍ରୀ । କ୍ୟାବିନେଟ୍ ମନ୍ତ୍ରୀମାନେ ପ୍ରାୟ ଦଳର ବା ମିଳିତ ଦଳର ବରିଷ୍ଠ ସଦସ୍ୟ

ହୋଇଥାଆନ୍ତି । ରାଷ୍ଟ୍ରମନ୍ତ୍ରୀମାନେ କ୍ୟାବିନେଟ୍ ମନ୍ତ୍ରୀଙ୍କଠାରୁ ନ୍ୟୁନ୍ । କେତେକ ରାଷ୍ଟ୍ରମନ୍ତ୍ରୀ ସ୍ୱତନ୍ତ୍ର ଭାବରେ କୌଣସି ବିଭାଗର ଦାୟିତ୍ୱ ବହନ କରିଥାଆନ୍ତି । କିନ୍ତୁ ଅନ୍ୟରାଷ୍ଟ୍ର ମନ୍ତ୍ରୀମାନେ କେବଳ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ସାହାଯ୍ୟ କରିଥାଆନ୍ତି । ବେଳେବେଳେ ମନ୍ତ୍ରୀମାନଙ୍କୁ ସାହାଯ୍ୟ କରିବା ପାଇଁ ଉପମନ୍ତ୍ରୀମାନଙ୍କୁ ନିଯୁକ୍ତି ଦିଆଯାଇଥାଏ ।

ସାଧାରଣତଃ କ୍ୟାବିନେଟ୍ ମନ୍ତ୍ରୀଙ୍କ ବ୍ୟତୀତ ଅନ୍ୟମନ୍ତ୍ରୀମାନେ କ୍ୟାବିନେଟ୍ ଅଧିବେଶନରେ ଯୋଗ ଦିଅନ୍ତି ନାହିଁ । ପ୍ରଧାନମନ୍ତ୍ରୀ କ୍ୟାବିନେଟ୍ ଅଧିବେଶନରେ ଅଧକ୍ଷତା କରନ୍ତି । ସମସ୍ତ ନୀତିଗତ ନିଷ୍ପତ୍ତି କ୍ୟାବିନେଟରେ ନିଆଯାଇଥାଏ । ପ୍ରଧାନମନ୍ତ୍ରୀଙ୍କର ମନ୍ତ୍ରୀମାନଙ୍କର ବିଭାଗ ଅଦଳ ବଦଳ କରିବାର ଓ ମନ୍ତ୍ରୀଙ୍କୁ ଇସ୍ତଫା ଦେବା ପାଇଁ ଆଦେଶ ଦେବାର ଅଧିକାର ରହିଛି । ପ୍ରଧାନ ମନ୍ତ୍ରୀଙ୍କ ଇସ୍ତଫା ବା ମୃତ୍ୟୁରେ ସମ୍ପୂର୍ଣ୍ଣ ମନ୍ତ୍ରୀପରିଷଦ କ୍ଷମତାଚ୍ୟୁତ ହୋଇଥାଏ । କାରଣ ମନ୍ତ୍ରୀ ପରିଷଦ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସୃଷ୍ଟି ହୁଏ ଓ ସେ ଏହାର ମୁଖ୍ୟ । ସମସ୍ତ ମନ୍ତ୍ରୀ ପରିଷଦ ଲୋକସଭା ନିକଟରେ ଦାୟୀ (ନିମ୍ନରେ ୧୦.୮ ଦେଖ)

## ୧୦.୬.୨ ପ୍ରଧାନମନ୍ତ୍ରୀଙ୍କ କ୍ଷମତା ଓ କାର୍ଯ୍ୟାବଳୀ

ପ୍ରଧାନମନ୍ତ୍ରୀ କେନ୍ଦ୍ର ସରକାରର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଓ କ୍ଷମତାଶାଳୀ ବ୍ୟକ୍ତି ଅଟନ୍ତି । ପ୍ରଧାନମନ୍ତ୍ରୀ ସରକାରର ମୁଖ୍ୟ ଏବଂ ଲୋକସଭାର ନେତା । ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କ ମୁଖ୍ୟ ପରାମର୍ଶଦାତା ଓ ଦେଶବାସୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଓ ଭାରତର ଆନ୍ତର୍ଜାତୀୟ ସମ୍ପର୍କର ମୁଖ୍ୟ ପ୍ରବକ୍ତା । ତାଙ୍କ ଭୂମିକାରେ କୌଣସି ତୁଳନା ନାହିଁ ଏବଂ ସିଏ ରାଷ୍ଟ୍ରପରିଚାଳନା ପାଇଁ ନିର୍ଦ୍ଦେଶ ଦେଇଥାଆନ୍ତି ।

ପ୍ରଧାନମନ୍ତ୍ରୀ ମନ୍ତ୍ରୀପରିଷଦର ମୁଖ୍ୟ ହିସାବରେ ରାଷ୍ଟ୍ରପତିଙ୍କ ଦ୍ୱାରା ଦାୟିତ୍ୱବହନ କରିବା ପାଇଁ ମନ୍ତ୍ରୀମାନଙ୍କୁ ଚୟନ କରିଥାଆନ୍ତି ଓ ଯେତେବେଳ ପର୍ଯ୍ୟନ୍ତ ସେମାନେ ପ୍ରଧାନମନ୍ତ୍ରୀଙ୍କ ବିଶ୍ୱସ୍ତ ରହିଥାଆନ୍ତି କ୍ଷମତାରେ ରୁହନ୍ତି । ପ୍ରଧାନମନ୍ତ୍ରୀ ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରନ୍ତି । ପ୍ରଧାନମନ୍ତ୍ରୀ ଯେତେବେଳେ ଚାହିଁବେ ସେମାନଙ୍କ ବିଭାଗ ବଦଳାଇ ପାରିବେ । ପ୍ରଧାନମନ୍ତ୍ରୀ ଯେ କୌଣସି ମନ୍ତ୍ରୀଙ୍କୁ କ୍ଷମତାଚ୍ୟୁତ କରିପାରିବେ ବା ଇସ୍ତଫା ଦେବାକୁ କହିପାରିବେ ।

ପ୍ରଧାନମନ୍ତ୍ରୀ କ୍ୟାବିନେଟ୍ ବା ମନ୍ତ୍ରୀମଣ୍ଡଳର ଅଧିବେଶନରେ ଅଧକ୍ଷତା କରନ୍ତି ଓ ପରିଚାଳନା କରନ୍ତି । କ୍ୟାବିନେଟ୍‌ର ମୁଖ୍ୟ ହିସାବରେ ସେ କ୍ୟାବିନେଟ୍‌ର ନିଷ୍ପତ୍ତି ଉପରେ ପ୍ରଭାବ ପକାଇପାରିବେ । ପ୍ରଧାନମନ୍ତ୍ରୀ ବିଭିନ୍ନ ମନ୍ତ୍ରୀଙ୍କ କାର୍ଯ୍ୟକଳାପ ମଧ୍ୟରେ ସମନ୍ୱୟ ସ୍ଥାପନ କରିଥାଆନ୍ତି । ଯଦି କୌଣସି ମନ୍ତ୍ରୀଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୁଏ ପ୍ରଧାନମନ୍ତ୍ରୀ ତାର ସମାଧାନ କରିଥାଆନ୍ତି । ପ୍ରଧାନମନ୍ତ୍ରୀ କ୍ୟାବିନେଟ୍ ବା ମନ୍ତ୍ରୀମଣ୍ଡଳ ଓ ରାଷ୍ଟ୍ରପତିଙ୍କ ମଧ୍ୟରେ ଯୋଗ ସୂତ୍ର ଭାବରେ କାର୍ଯ୍ୟକରନ୍ତି । ମନ୍ତ୍ରୀମଣ୍ଡଳରେ ନିଆଯାଇଥିବା ନିଷ୍ପତ୍ତିକୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ଅବଗତ କରିଥାଆନ୍ତି । ପ୍ରଧାନମନ୍ତ୍ରୀ ହେଉଛନ୍ତି ସେହି ବ୍ୟକ୍ତି ଯିଏ ରାଷ୍ଟ୍ରପତିଙ୍କୁ ସରକାରଙ୍କ ସମସ୍ତ ନୀତି ଓ ନିଷ୍ପତ୍ତି ସମ୍ବନ୍ଧରେ ଅବଗତ କରାଇଥାଆନ୍ତି । କୌଣସି ମନ୍ତ୍ରୀ ପ୍ରଧାନ ମନ୍ତ୍ରୀଙ୍କ ବିନା ଅନୁମତିରେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରି ପାରିବେ ନାହିଁ । ରାଷ୍ଟ୍ରପତି ତାଙ୍କର ସମସ୍ତ ଗୁରୁତ୍ତ୍ୱ ପୂର୍ଣ୍ଣ ସାକ୍ଷାତକାର ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ କରିଥାଆନ୍ତି । ଏପରିକି ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ ରାଷ୍ଟ୍ରପତି ସଂସଦର ଅଧିବେଶନ ଆହ୍ୱାନ କରନ୍ତି, ସ୍ଥଗିତ ରଖନ୍ତି ଓ ଲୋକସଭାକୁ ମଧ୍ୟ ଭଙ୍ଗ କରନ୍ତି ।

ପ୍ରଧାନମନ୍ତ୍ରୀ ସଂସଦରେ ସରକାରଙ୍କ ନୀତିରେ ମୁଖ୍ୟପ୍ରବକ୍ତା ଓ ରକ୍ଷାକର୍ତ୍ତା । ଯଦି କୌଣସି ସମୟରେ ଜଣେ ମନ୍ତ୍ରୀ ନିଜର କାର୍ଯ୍ୟକ୍ରମକୁ ସଫଳତାର ସହ ପ୍ରତିପାଦିତ କରିବାରେ ଅକ୍ଷମ ହୁଅନ୍ତି ସେତେବେଳେ ପ୍ରଧାନ ମନ୍ତ୍ରୀ ତାଙ୍କୁ ରକ୍ଷା କରିଥାଆନ୍ତି । ପ୍ରଧାନମନ୍ତ୍ରୀ ଏହା ଉଭୟ ସଂସଦ ମଧ୍ୟରେ ଓ ସଂସଦ ବାହାରେ କରିଥାଆନ୍ତି । ପ୍ରଧାନମନ୍ତ୍ରୀ ହେଉଛନ୍ତି ରାଷ୍ଟ୍ରର ନେତା । ସମଗ୍ର ରାଷ୍ଟ୍ର ତାଙ୍କଠାରୁ ଦିଗ୍‌ଦର୍ଶନ ଆଶା କରିଥାଆନ୍ତି । ଯେତେବେଳେ ସାଧାରଣ ନିର୍ବାଚନହୁଏ ସେତେବେଳେ ପ୍ରଧାନମନ୍ତ୍ରୀ

ଜନସାଧାରଣଙ୍କ ଠାରୁ ସ୍ୱିକୃତୀ ପାଇବା ପାଇଁ ଆହ୍ୱାନ ଦେଇଥାଆନ୍ତି । ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ନୀତି ନିର୍ଦ୍ଧାରଣ ଓ ବୈଦେଶିକ ନୀତି ନିର୍ଦ୍ଧାରଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଆନ୍ତି । ପ୍ରଧାନମନ୍ତ୍ରୀ ଆନ୍ତର୍ଜାତୀୟ ସମ୍ମିଳନୀରେ ଯୋଗ ଦେଇଥାଆନ୍ତି ଯେପରିକି NAM, SAARC ଓ ଜାତିସଂଘ । ଅନ୍ୟ ଦେଶମାନଙ୍କ ସହ ହେଉଥିବା ସମସ୍ତ ଆନ୍ତର୍ଜାତୀୟ ବୁଝାମଣା ଓ ଚୁକ୍ତି ପ୍ରଧାନମନ୍ତ୍ରୀଙ୍କ ସହମତିରେ ହୋଇଥାଏ । ପ୍ରଧାନମନ୍ତ୍ରୀ ଦେଶର ସମସ୍ତ ନୀତିର ପ୍ରଧାନ ମୁଖପାତ୍ର ।

ପ୍ରଧାନମନ୍ତ୍ରୀଙ୍କର ସରକାରରେ ଓ ସଂସଦରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଏହି ଦୃଷ୍ଟିରୁ ସେ ହେଉଛନ୍ତି ସବୁଠାରୁ କ୍ଷମତାଶାଳୀ ବ୍ୟକ୍ତି । ପ୍ରଧାନ ମନ୍ତ୍ରୀଙ୍କ ସ୍ଥିତି ଓ କ୍ଷମତା ତାଙ୍କ ବ୍ୟକ୍ତିତ୍ୱ ଉପରେ ନିର୍ଭର କରିଥାଏ । ଜବାହରଲାଲ୍ ନେହେରୁ ବା ଇନ୍ଦିରାଗାନ୍ଧୀଙ୍କ ପରି ବ୍ୟକ୍ତିତ୍ୱ ଥିବା ବ୍ୟକ୍ତିମାନେ ଦୂରଦୃଷ୍ଟି ବିହୀନ ବା ବାହ୍ୟଶକ୍ତି ଉପରେ ନିର୍ଭର କରୁଥିବା ବ୍ୟକ୍ତିଙ୍କଠାରୁ ଅଧିକ ପ୍ରଭାବଶାଳୀ ହୋଇଥାନ୍ତି । ପ୍ରଧାନମନ୍ତ୍ରୀ କେବଳ ସଂସଦର ନେତା ନୁହନ୍ତି, ସିଏ ରାଷ୍ଟ୍ରର ମଧ ନେତା । ପ୍ରଧାନମନ୍ତ୍ରୀଙ୍କୁ ନିଜ ଦଳର ସମସ୍ତ ଗୁରୁତ୍ୱ ପୂର୍ଣ୍ଣ ସଭ୍ୟମାନଙ୍କର ସ୍ୱତଃପ୍ରବୃତ୍ତ ସମର୍ଥନ ଆବଶ୍ୟକ ପଡ଼ିଥାଏ । ଗୋଟିଏ ସଂଖ୍ୟାଲଘୁ ସରକାରରେ ପ୍ରଧାନମନ୍ତ୍ରୀଙ୍କୁ ବାହ୍ୟ ସାହାଯ୍ୟ ଉପରେ ନିର୍ଭର କରିବାକୁ ପଡ଼ିଥାଏ, ଯାହାକି ତାଙ୍କୁ ପ୍ରଭାବଶାଳୀ ହେବାପାଇଁ ପ୍ରତିବନ୍ଧକ ସୃଷ୍ଟି କରିଥାଏ ।

## ୧୦.୭ ମନ୍ତ୍ରୀ ପରିଷଦ ଓ କ୍ୟାବିନେଟ୍

'ମନ୍ତ୍ରୀ ପରିଷଦ' ଓ 'ମନ୍ତ୍ରୀ କ୍ୟାବିନେଟ୍' ଏହି ଦୁଇଟି ପଦ ବହୁସମୟରେ ଅଦଳବଦଳ ଭାବ ବା ଏକାଅର୍ଥରେ ପ୍ରୟୋଗ ହୋଇଥାଏ । କିନ୍ତୁ ପ୍ରକୃତରେ ଏହା ଠିକ୍ ନୁହେଁ ୪୪ତମ ସଂବିଧାନ ସଂଶୋଧନ ପୂର୍ବରୁ ସମ୍ବିଧାନରେ 'କ୍ୟାବିନେଟ୍' (Cabinet) ବୋଲି କୌଣସି ଶବ୍ଦ ଉଲ୍ଲେଖ ନଥିଲା । ତେଣୁ ବର୍ତ୍ତମାନ ଆମକୁ ମନ୍ତ୍ରୀ ପରିଷଦ ଓ କ୍ୟାବିନେଟ୍ ମଧ୍ୟରେ ଥିବା ପାର୍ଥକ୍ୟକୁ ଜାଣିବା ଉଚିତ୍ । ସେମାନଙ୍କ ମଧ୍ୟରେ ଥିବା ମୁଖ୍ୟ ପ୍ରଭେଦ ଗୁଡ଼ିକ ହେଲା — ମନ୍ତ୍ରୀପରିଷଦର ଉଭୟ କ୍ୟାବିନେଟ୍ ମନ୍ତ୍ରୀ ଓ ରାଷ୍ଟ୍ରମନ୍ତ୍ରୀଙ୍କୁ ନେଇ ଗଠିତ ହୋଇଥାଏ । ଅନ୍ୟପକ୍ଷରେ କ୍ୟାବିନେଟ୍ କେବଳ ବୟସ୍କ ବା ପୁରୁଖା ମନ୍ତ୍ରୀମାନଙ୍କୁ ନେଇ ଗଠିତ ହୋଇଥାଏ । ସେମାନଙ୍କ ସଂଖ୍ୟା ୧୫ ରୁ ୩୦ ମଧ୍ୟରେ ହୋଇଥାଏ, ଯେତେବେଳେ ସମଗ୍ର ମନ୍ତ୍ରୀପରିଷଦ ୭୦ରୁ ଅଧିକ ସଦସ୍ୟଙ୍କୁ ନେଇ ଗଠିତ ହୋଇପାରେ । ସମ୍ପୂର୍ଣ୍ଣ ମନ୍ତ୍ରୀପରିଷଦ ପ୍ରାୟ କୌଣସି ସମୟରେ ଏକତ୍ରିତ ହୋଇନଥାଆନ୍ତି । ଅପରପକ୍ଷରେ କ୍ୟାବିନେଟ୍‌ର ସଭ୍ୟମାନେ ଆବଶ୍ୟକତା ଅନୁସାରେ ବହୁବାର ଏକତ୍ରିତ ହୁଅନ୍ତି ।

କ୍ୟାବିନେଟ୍ ସରକାରଙ୍କର ବିଭିନ୍ନ ନୀତି ଓ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରେ, ଯାହାକି ମନ୍ତ୍ରୀପରିଷଦ କରେ ନାହିଁ । ତେଣୁ କ୍ୟାବିନେଟ୍ ମନ୍ତ୍ରୀପରିଷଦ ମଧ୍ୟରେ ଥିବା ଏକ ଅନୁଷ୍ଠାନ । କ୍ୟାବିନେଟ୍ ମନ୍ତ୍ରୀପରିଷଦ ନାମରେ କାର୍ଯ୍ୟକରେ ଓ ମନ୍ତ୍ରୀପରିଷଦ ପକ୍ଷରୁ ସମସ୍ତ କ୍ଷମତା ଲାଗୁକରିଥାଏ ।

### ୧୦.୭.୧ କ୍ୟାବିନେଟ୍‌ର କ୍ଷମତା ଓ କାର୍ଯ୍ୟାବଳୀ

କ୍ୟାବିନେଟ୍‌ର ବିଶାଳ କ୍ଷମତା ଓ ଦାୟିତ୍ୱ ରହିଛି । ରାଷ୍ଟ୍ରପତିଙ୍କ ସମସ୍ତ କାର୍ଯ୍ୟପାଳିକା କ୍ଷମତା ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କ୍ୟାବିନେଟ୍‌ଦ୍ୱାରା କାର୍ଯ୍ୟକାରୀ ହୋଇଥାଏ ।

କ୍ୟାବିନେଟ୍ ଆଭ୍ୟନ୍ତରୀଣ ଓ ବୈଦେଶିକ ନୀତି ଗୁଡ଼ିକୁ ନିର୍ଦ୍ଧାରୀତ ଓ ସୃଷ୍ଟି କରିଥାଏ । ଏହା ରାଷ୍ଟ୍ରକୁ ରକ୍ଷା କରିବା ପାଇଁ ଓ ସୁରକ୍ଷା ପ୍ରଦାନ କରିବା ପାଇଁ ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଥାଏ । ଜନସାଧାରଣଙ୍କୁ ଉନ୍ନତଜୀବନ ଯାପନ କରିବା ପାଇଁ କ୍ୟାବିନେଟ୍ ବିଭିନ୍ନ ନୀତି ନିର୍ଦ୍ଧାରଣ କରିଥାଏ । ରାଷ୍ଟ୍ରର ଆର୍ଥିକ ସମ୍ବଳ ଉପରେ ଏହାର ନିୟନ୍ତ୍ରଣ ରୁହେ । ସରକାରଙ୍କ ସମସ୍ତ ଖର୍ଚ୍ଚର ଦାୟିତ୍ୱ ସହ କ୍ୟାବିନେଟ୍ ବିଭିନ୍ନ କରମାଧମରେ



Notes

ଆବଶ୍ୟକ ସମ୍ବଳ ସୃଷ୍ଟିକରିଥାଏ । ରାଷ୍ଟ୍ରପତିଙ୍କର ସଂସଦୀୟ ଅଭିଭାଷଣକୁ ଏହା ହିଁ ପ୍ରସ୍ତୁତ କରିଥାଏ । ସଂସଦର ଅଧିବେଶନ ବସିନଥିଲାବେଳେ ରାଷ୍ଟ୍ରପତିଙ୍କ ଦ୍ୱାରା ଘୋଷଣା କରାଯାଉଥିବା ଅଧାଦେଶଗୁଡ଼ିକୁ ପ୍ରସ୍ତୁତ କରିବା ଏହାର ଦାୟିତ୍ୱ । ରାଷ୍ଟ୍ରପତିଙ୍କୁ ସଂସଦର ଅଧିବେସନ ଆହ୍ୱାନ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ମାଧ୍ୟମରେ କ୍ୟାବିନେଟ୍ ପରାମର୍ଶ ଦେଇଥାଏ । ସଂସଦର ଅଧିବେସନରେ ହେବାକୁ ଥିବା କାର୍ଯ୍ୟସୂଚୀ କ୍ୟାବିନେଟ୍ ପ୍ରସ୍ତୁତ କରିଥାଏ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୦.୪

୧। ଭାରତ ସରକାରଙ୍କ ମୁଖ୍ୟ ________ ଅଟନ୍ତି । (ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟବିଚାରପତି)

୨। ________ ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରନ୍ତି ଓ ଅଦଳବଦଳ କରନ୍ତି ।
(ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ଉପରାଷ୍ଟ୍ରପତି)

୩। ________ କ୍ୟାବିନେଟ୍‌ର ଅଧିବେସନରେ ଅଧ୍ୟକ୍ଷତା କରନ୍ତି ।
(ଲୋକସଭାର ବାଚସ୍ପତି, ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି)

୪। ________ ରାଷ୍ଟ୍ରପତିଙ୍କ କାର୍ଯ୍ୟପାଳିକା କ୍ଷମତାକୁ କାର୍ଯ୍ୟକାରୀ କରନ୍ତି ।
(ମନ୍ତ୍ରୀପରିଷଦ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ୟାବିନେଟ୍ ସଚିବ)

୫। ________ ର ଲିଖିତ ଅନୁରୋଧରେ ରାଷ୍ଟ୍ରପତି ଲୋକସଭାକୁ ଭଙ୍ଗ କରିଥାଆନ୍ତି ।
(କ୍ୟାବିନେଟ୍, ରାଜ୍ୟସଭା, ଉଚ୍ଚତମନ୍ୟାୟାଳୟ)

୬। ________ ସଂସଦରେ ରାଷ୍ଟ୍ରପତି ପ୍ରଦାନ କରୁଥିବା ଅଭିଭାଷଣ ପ୍ରସ୍ତୁତ କରନ୍ତି ।
(ଉପରାଷ୍ଟ୍ରପତି, ରାଜ୍ୟସଭା, ପ୍ରଧାନମନ୍ତ୍ରୀଙ୍କକାର୍ଯ୍ୟାଳୟ)


୭। ________ ପାଖରେ ମନ୍ତ୍ରୀପରିଷଦ ଦାୟୀ । (ଲୋକସଭା, ରାଜ୍ୟସଭା, ସଂସଦ)

## ୧୦.୮ ମନ୍ତ୍ରୀମାନଙ୍କ ଦାୟିତ୍ୱ

ଆମେ ଜାଣିସାରିଲେଣି ଯେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗୋଟିଏ ମନ୍ତ୍ରୀପରିଷଦ ରାଷ୍ଟ୍ରପତିଙ୍କୁ ସାହାଯ୍ୟ ଓ ପରାମର୍ଶ ଦେବାପାଇଁ ରହିଥାଏ । ସଂବିଧାନ ଅନୁସାରେ ମନ୍ତ୍ରୀମାନେ ରାଷ୍ଟ୍ରପତିଙ୍କ ଇଚ୍ଛା ଅନୁସାରେ କ୍ଷମତାରେ ରୁହନ୍ତି । କିନ୍ତୁ ପ୍ରକୃତରେ ସେମାନେ ଲୋକସଭା ନିକଟରେ ଦାୟୀ ଓ ଲୋକସଭାଦ୍ୱାରା କ୍ଷମତାଚ୍ୟୁତ ହୋଇପାରିବେ । ସଂବିଧାନରେ ସ୍ପଷ୍ଟ ଭାବରେ ଉଲ୍ଲେଖ ହୋଇଛି ଯେ ମନ୍ତ୍ରୀପରିଷଦ ଲୋକସଭା ନିକଟରେ ଦାୟୀ (ଉଭୟ କକ୍ଷ ନିକଟରେ ନୁହେଁ) ମନ୍ତ୍ରୀମାନଙ୍କ ଦାୟିତ୍ୱବୋଧ ହେଉଛି ସଂସଦୀୟ ସରକାରର ମୁଖ୍ୟ ବୈଶିଷ୍ଟ୍ୟ । ମନ୍ତ୍ରୀମାନଙ୍କର ଦାୟିତ୍ୱବୋଧତାର ଦୁଇଟି ପରିସର ରହିଛି – ମିଳିତ ଦାୟିତ୍ୱବୋଧତା ଓ ବ୍ୟକ୍ତିଗତ ଦାୟିତ୍ୱ ବୋଧତା ।

### ୧୦.୮.୧ ମିଳିତ ଦାୟିତ୍ୱ

ଆମ ସଂବିଧାନରେ ଉଲ୍ଲେଖ ହୋଇଛି ଯେ "ମନ୍ତ୍ରୀପରିଷଦ ମିଳିତ ଭାବରେ 'ଲୋକସଭା' ନିକଟରେ ଦାୟୀ ରହିବ ।" ଏହାର ଅର୍ଥ ହେଲା ମନ୍ତ୍ରୀମାନେ ଲୋକସଭା ନିକଟରେ କେବଳ ବ୍ୟକ୍ତିଗତ ଭାବରେ ଦାୟୀ ନୁହନ୍ତି, ସେମାନେ ମିଳିତଭାବରେ ମଧ୍ୟ ଦାୟୀ । ମିଳିତ ଦାୟିତ୍ୱବୋଧର ଦୁଇଟି ନିହିତାର୍ଥ ରହିଛି । ଏହାର ପ୍ରଥମ ଅର୍ଥ ହେଲା ମନ୍ତ୍ରୀପରିଷଦର ପ୍ରତ୍ୟେକ ସଦସ୍ୟ ମନ୍ତ୍ରୀମଣ୍ଡଳର ପ୍ରତ୍ୟେକ ନିଷ୍ପତ୍ତି ପାଇଁ ଦାୟୀ ରୁହନ୍ତି । ମନ୍ତ୍ରୀ ପରିଷଦର ସଦସ୍ୟମାନେ ଏକତ୍ର ସନ୍ତରଣ କରନ୍ତି ଓ ଏକତ୍ର ଜଳସମାଧି ନିଅନ୍ତି । ଯେତେବେଳେ



ମନ୍ତ୍ରୀମଣ୍ଡଳରେ କୌଣସି ନିଷ୍ପତ୍ତି ନିଆଯାଏ ସେତେବେଳେ ପ୍ରତ୍ୟେକ ମନ୍ତ୍ରୀ ବିନା ଦ୍ୱିଧାରେ ଏହାକୁ ସମର୍ଥନ କରିଥାଆନ୍ତି । ଯଦି କୌଣସି ମନ୍ତ୍ରୀ ମନ୍ତ୍ରୀମଣ୍ଡଳଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ସହ ଏକମତ ହୁଅନ୍ତି ନାହିଁ ତେବେ ତାଙ୍କ ପାଖରେ ମନ୍ତ୍ରୀପରିଷଦରୁ ଇସ୍ତଫା ଦେବାଛଡ଼ା ଅନ୍ୟ କୌଣସି ପନ୍ଥା ନଥାଏ । ମିଳିତ ଦାୟିତ୍ୱବୋଧତାର ବୈଶିଷ୍ଟ୍ୟ ହେଲା 'ଜଣେ ମନ୍ତ୍ରୀ ସରକାରଙ୍କ ସପକ୍ଷରେ ହିଁ ଭୋଟ ଦେବେ, ଯଦି ପ୍ରଧାନମନ୍ତ୍ରୀ ଚାହାନ୍ତି ତେବେ ସରକାରଙ୍କ ସପକ୍ଷରେ ମତ ପ୍ରକାଶ କରିବେ, ପରବର୍ତ୍ତୀ ସମୟରେ ତାଙ୍କ ବକ୍ତବ୍ୟ ପାଇଁ ସମାଲୋଚିତ ହେଲେ ତାହା ଖଣ୍ଡନ କରିବେ ନାହିଁ । ତାଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ବା ସଂସଦରେ ଯେହେତୁ ସେ ଏହି ନିଷ୍ପତ୍ତି ସହ ଏକମତ ନଥିଲେ ବୋଲି କହି ନିଜକୁ ଦାୟିତ୍ୱମୁକ୍ତ କରିପାରିବେ ନାହିଁ । ।' ଦ୍ୱିତୀୟରେ ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧରେ ଅଣା ଯାଇଥିବା ଅନାସ୍ଥା ପ୍ରସ୍ତାବ ସମୁଦାୟ ମନ୍ତ୍ରୀପରିଷଦ ବିରୁଦ୍ଧରେ ବୋଲି ଧରାଯାଏ ।

ସେହିପରି ଲୋକସଭାରେ ସରକାରୀ ଚିଠା ବା ବାର୍ଷିକ ଅର୍ଥ ଚିଠା ବା ବଜେଟ୍ ବିରୁଦ୍ଧରେ ଅଣାଯାଇଥିବା ପ୍ରସ୍ତାବ କେବଳ ଚିଠା ଆଗତ କରିଥିବା ମନ୍ତ୍ରୀଙ୍କ ବିରୁଦ୍ଧରେ ନୁହେଁ, ଏହା ସମ୍ପୂର୍ଣ୍ଣ ମନ୍ତ୍ରୀପରିଷଦ ବିରୁଦ୍ଧରେ ଅଟେ ।

## ୧୦.୮.୨ ବ୍ୟକ୍ତିଗତ ଦାୟିତ୍ୱ

ଯଦିଓ ମନ୍ତ୍ରୀମାନେ ମିଳିତ ଭାବରେ ଲୋକସଭା ନିକଟରେ ଦାୟୀ, ସେମାନେ ବ୍ୟକ୍ତିଗତ ଭାବରେ ମଧ୍ୟ ଲୋକସଭା ନିକଟରେ ଦାୟୀ । ବ୍ୟକ୍ତିଗତ ଦାୟିତ୍ୱ ସେତେବେଳେ ସୃଷ୍ଟିହୁଏ ଯେତେବେଳେ ଜଣେ ମନ୍ତ୍ରୀ ମନ୍ତ୍ରୀମଣ୍ଡଳର ଅନୁମତି ନ ନେଇ ବା ପ୍ରଧାନମନ୍ତ୍ରୀଙ୍କୁ ନ ଜଣାଇ କୌଣସି ପଦକ୍ଷେପ ନେଇଥାଆନ୍ତି ଓ ଏହା ସଂସଦର ସମାଲୋଚିତ ହେବା ସହ ଅଗ୍ରାହ୍ୟ ହୋଇଥାଏ । ସେହିପରି ଯଦି ଜଣେ ମନ୍ତ୍ରୀଙ୍କର ବ୍ୟକ୍ତିଗତ କାର୍ଯ୍ୟକଳାପ ପ୍ରଶ୍ନବାଚୀ ସୃଷ୍ଟିକରେ ଓ ଅଶୋଭନୀୟ ହୋଇଥାଏ ସେତେବେଳେ ସେହି ମନ୍ତ୍ରୀଙ୍କୁ ସରକାରଙ୍କ ଅସ୍ତିତ୍ୱ ଉପରେ ପ୍ରଭାବ ନ ପକାଇ ଇସ୍ତଫା ଦେବାକୁ ହୋଇଥାଏ । ସେହିପରି ଯଦି ଜଣେ ମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କର ଉପରେ ଏକ ବୋଝ ବା ଲଜ୍ଜାକର ସାବ୍ୟସ୍ତ ହୁଅନ୍ତି ତେବେ ପ୍ରଧାନମନ୍ତ୍ରୀ ତାଙ୍କୁ ଇସ୍ତଫା ଦେବାପାଇଁ ଆଦେଶ ଦେଇ ପାରିବେ ।

**ଅନାସ୍ଥା ପ୍ରସ୍ତାବ :** ମହା ସଂସଦର ଜଣେ ସଦସ୍ୟଙ୍କର ଦ୍ୱାରା ମନ୍ତ୍ରୀ ପରିଷଦ ଉପରେ ସେହି ପକ୍ଷର ଅସ୍ଥା ନାହିଁ ବୋଲି ପ୍ରମାଣିତ କରିବା ପାଇଁ ପ୍ରସ୍ତାବ ।



## ତୁମେ କ'ଣ ଶିକ୍ଷା କଲ

ଭାରତର ରାଷ୍ଟ୍ରପତି ସଂସଦର ଉଭୟ କକ୍ଷର ନିର୍ବାଚିତ ପ୍ରତିନିଧି ଓ ରାଜ୍ୟ ବିଧାନସଭାମାନଙ୍କର ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ଗଠିତ ନିର୍ବାଚନ ମଣ୍ଡଳୀ ଦ୍ୱାରା ପରୋକ୍ଷ ଭାବରେ ଏକକ ହସ୍ତାନ୍ତରୀତ ଭୋଟ ପ୍ରଥା ଓ ସମାନୁପାତିକ ପ୍ରତିନିଧିତ୍ୱ ମାଧ୍ୟମରେ ନିର୍ବଚାଚିତ ହୁଅନ୍ତି । ରାଷ୍ଟ୍ରପତି ଏକ ଜଟିଳ ବ୍ୟବସ୍ଥା ଦ୍ୱାରା ନିର୍ବାଚିତ ହୋଇଥାନ୍ତି ଯାହା ଗୋଟିଏ ପକ୍ଷରେ ସଂସଦ ଓ ଅନ୍ୟ ପକ୍ଷରେ ରାଜ୍ୟବିଧାନସଭାମାନଙ୍କ ସମାନ ମତ (ଭୋଟର ମୂଲ୍ୟ) ପ୍ରଦାନ ଦ୍ୱାରା ହୋଇଥାଏ ।

ରାଷ୍ଟ୍ରପତି ପାଞ୍ଚବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି । ରାଷ୍ଟପତି ପୁନର୍ବାର ନିର୍ବାଚିତ ହୋଇପାରିବେ । ରାଷ୍ଟ୍ରପତି କାର୍ଯ୍ୟକାଳ ସରିବା ପୂର୍ବରୁ ଇସ୍ତଫା ଦେଇପାରିବେ ବା ତାଙ୍କୁ ମହାଭିଯୋଗ ପ୍ରସ୍ତାବ ମାଧ୍ୟମରେ ବହିଷ୍କୃତ କରାଯାଇପାରିବ ।

ରାଷ୍ଟ୍ରପତି ବହୁ କ୍ଷମତାର ଅଧିକାରୀ । ତାଙ୍କ କ୍ଷମତାର ପ୍ରକାର ଭେଦ ହେଲା ବ୍ୟବସ୍ଥାପକ, କାର୍ଯ୍ୟପାଳିକା, ଆର୍ଥିକ ଓ ବିଚାରଗତ । କିନ୍ତୁ ତାଙ୍କର ଏହି କ୍ଷମତା ଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ



Notes



ମନ୍ତ୍ରୀପରିଷଦ ଦ୍ୱାରା କାର୍ଯ୍ୟକାରୀ ହୋଇଥାଏ । ରାଷ୍ଟ୍ରପତି ବହୁ ଅଧିକାର ଓ ଛାଡ଼ ଉପଭୋଗ କରନ୍ତି ଓ ଶାସନ ଉପାରେ ପ୍ରଭାବ ପକାଇ ଥାଆନ୍ତି । ରାଷ୍ଟ୍ରପତିଙ୍କର ମୁଖ୍ୟ କ୍ଷମତା ମଧ୍ୟରୁ ଗୋଟିଏ ହେଲା ତାଙ୍କର ଜାଣିବାର ଅଧିକାର, ପରାମର୍ଶ ଦେବାର ଅଧିକାର ଓ ଚେତାବନୀ ଦେବାର ଅଧିକାର । ରାଷ୍ଟ୍ରପତି ମନ୍ତ୍ରୀପରିଷର ଦିଗ୍‌ଦର୍ଶକ ଓ ଉପଦେଷ୍ଟା ଅଟନ୍ତି । ପ୍ରଧାମନ୍ତ୍ରୀ ସରକାରର ପ୍ରକୃତ ମୁଖ୍ୟ । ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୋଇଥାଆନ୍ତି । ରାଷ୍ଟ୍ରପତିଙ୍କୁ ଲୋକସଭାର ସଂଖ୍ୟାଗରିଷ୍ଠ ଦଳର ନେତା ବା ମିଳିତ ଦଳର ନେତାଙ୍କୁ ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି ଦେବାକୁ ପଡ଼ିଥାଏ ।

ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ମନ୍ତ୍ରୀପରିଷଦ ରାଷ୍ଟ୍ରପତିଙ୍କୁ ତାଙ୍କ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସାହାଯ୍ୟ ଓ ପରାମର୍ଶ ଦେଇଥାଏ । ମନ୍ତ୍ରୀ ପରିଷଦ ଦୁଇ ପ୍ରକାର ମନ୍ତ୍ରୀ  କ୍ୟାବିନେଟ୍ ମନ୍ତ୍ରୀ ଓ ରାଷ୍ଟ୍ରମନ୍ତ୍ରୀଙ୍କୁ ନେଇ ଗଠିତ ହୋଇଥାଏ । ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ ମନ୍ତ୍ରୀମାନଙ୍କୁ ନିଯୁକ୍ତ କରିଥାଆନ୍ତି ।

ପ୍ରଧାନମନ୍ତ୍ରୀ ରାଷ୍ଟ୍ରର ନେତା । ସେ ଦେଶର ଶାସନ ପାଇଁ ଦାୟୀ । ପ୍ରଧାନମନ୍ତ୍ରୀ ମନ୍ତ୍ରୀମଣ୍ଡଳର ଅଧିବେସନରେ ଅଧକ୍ଷତା କରିଥାଆନ୍ତି । ତାଙ୍କ ଅଧିନରେ ମନ୍ତ୍ରୀପରିଷଦ କାର୍ଯ୍ୟକରେ । ପ୍ରଧାମନ୍ତ୍ରୀ ସମସ୍ତ ଜାତୀୟ ଓ ଆନ୍ତର୍ଜାତୀୟ ସଭା ବା ସମ୍ମିଳନୀରେ ଭାରତର ପ୍ରତିନିଧିତ୍ୱ କରିଥାଆନ୍ତି । ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ଓ ମନ୍ତ୍ରୀପରିଷଦ ମଧ୍ୟରେ ଯୋଗସୂତ୍ରକାରୀ ଅଟନ୍ତି । ସେ ସମସ୍ତ ବିଗାର କାର୍ଯ୍ୟକଳାପ ତଦାରଖ କରନ୍ତି ଓ ସେମାନଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରନ୍ତି । ପ୍ରଧାନମନ୍ତ୍ରୀ ସେତେବେଳ ପର୍ଯ୍ୟନ୍ତ କ୍ଷମତାସୀନ ରୁହନ୍ତି ଯେତେବେଳ ପର୍ଯ୍ୟନ୍ତ ତାଙ୍କୁ ଲୋକସଭାରେ ସଂଖ୍ୟାଗରିଷ୍ଠ ସଭ୍ୟଙ୍କର ସମର୍ଥନ ଥାଏ । ରାଷ୍ଟ୍ରପତି ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ପ୍ରଧାନମନ୍ତ୍ରୀଙ୍କ ସୁପାରିଶରେ କରିଥାଆନ୍ତି ।

ମନ୍ତ୍ରୀପରିଷଦ ସମସ୍ତ ପ୍ରକାର ମନ୍ତ୍ରୀଙ୍କୁ ନେଇ ଗଠିତ ହୋଇଥାଏ । କିନ୍ତୁ କ୍ୟାବିନେଟ୍ ବରିଷ୍ଠ ମନ୍ତ୍ରୀମାନଙ୍କୁ ନେଇ ଗଠିତ ଏକ କ୍ଷୁଦ୍ର ଅନୁଷ୍ଠାନ । ମନ୍ତ୍ରୀ ପରିଷଦ ପ୍ରାୟ ମିଳିତ ଭାବରେ ଏକତ୍ରିତ ହୋଇ ନଥାଏ । ସରକାରଙ୍କ ନୀତି ଓ କାର୍ଯ୍ୟକ୍ରମ ଗୁଡ଼ିକୁ କ୍ୟାବିନେଟ୍ ହିଁ ସ୍ଥିର କରିଥାଏ । ସମସ୍ତ ମନ୍ତ୍ରୀ ମିଳିତ ଭାବରେ ଓ ବ୍ୟକ୍ତିଗତ ଭାବରେ ଲୋକସଭା ନିକଟରେ ଦାୟୀ । ଯଦି ଲୋକସଭାରେ ମନ୍ତ୍ରୀପରିଷଦ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଗୃହୀତ ହୁଏ ତେବେ ମନ୍ତ୍ରୀପରିଷଦ କ୍ଷମତାଚ୍ୟୁତ ହୁଏ ।

କ୍ୟାବିନେଟ୍ ବୈଦେଶିକ ଓ ଜାତୀୟ ନୀତି ଗୁଡ଼ିକୁ ପ୍ରସ୍ତୁତ କରେ । ଏହା ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସ୍ଥାପନ କରିଥାଏ । ରାଷ୍ଟ୍ରର ଆର୍ଥିକ ସମ୍ବଳ ଉପରେ ଏହାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଥାଏ । କୌଣସି ଅର୍ଥଚିଠା ବା ବିଲ୍ ଲୋକସଭାରେ କେବଳ ଜଣେ ମନ୍ତ୍ରୀଙ୍କ ଦ୍ୱାରା ଆଗତ ହୋଇପାରିବ ।

## ପାଠ୍ୟାନ୍ତ ଅଭ୍ୟାସ

ପ୍ର. ୧। ରାଷ୍ଟ୍ରପତିଙ୍କ ନିର୍ବଚାନ ପ୍ରଣାଳୀ ବର୍ଣ୍ଣନା କର ।


ପ୍ର/. ୨। ଭାରତର ରାଷ୍ଟ୍ରପତି ହେବା ପାଇଁ ଆବଶ୍ୟକତ ଯୋଗ୍ୟତା ଉଲ୍ଲେଖ କର । ସେ କିପରି ବହିଷ୍କୃତ ହୁଅନ୍ତି ?

ପ୍ର. ୩। ରାଷ୍ଟ୍ରପତିଙ୍କର ବ୍ୟବସ୍ଥାପକ କ୍ଷମତା ବର୍ଣ୍ଣନା କର ।

ପ୍ର. ୪। ରାଷ୍ଟ୍ରପତିଙ୍କ କାର୍ଯ୍ୟପାଳିକା କ୍ଷମତା ଆଲୋଚନା କର ।

ପ୍ର. ୫। ରାଷ୍ଟ୍ରପତିଙ୍କର କ୍ଷମତା ଓ ଭୂମିକା ଆଲୋଚନା କର ।

ପ୍ର. ୬। ଭାରତର ଉପରାଷ୍ଟ୍ରପତିଙ୍କ କାର୍ଯ୍ୟାବଳୀ ଆଲୋଚନା କର ।



Notes

ପ୍ର. ୭। ଭାରତର ପ୍ରଧାନମନ୍ତ୍ରୀ କିପରି ନିଯୁକ୍ତ ହୁଅନ୍ତି ? ବୁଝାଇ ଲେଖ ?

ପ୍ର. ୮। ଭାରତର ପ୍ରଧାନମନ୍ତ୍ରୀଙ୍କ କ୍ଷମତା, କାର୍ଯ୍ୟାବଳୀ ଓ ଭୂମିକା ଚର୍ଚ୍ଚା କର ।

ପ୍ର. ୯। ମନ୍ତ୍ରୀପରିଷଦ ଓ କ୍ୟାବିନେଟ୍ ମଧ୍ୟର ଥିବା ପ୍ରଭେଦ ବର୍ଣ୍ଣନା କର ।

ପ୍ର.୧୦। ମନ୍ତ୍ରୀମାନଙ୍କର ମିଳିତ ଓ ବ୍ୟକ୍ତିଗତ ଦାୟିତ୍ୱବୋଧକୁ ଚର୍ଚ୍ଚାକର ।

## ବିଷୟ ଭି ିକ ପ୍ରଶ୍ନାବଳୀର ଉତ୍ତ

**୧୦.୧ :**

୧। ୩୫ ବର୍ଷ    ୨। ଲୋକ ସଭା    ୩। ବିଧାନ ସଭା

**୧୦.୨**

୧। ପାଞ୍ଚବର୍ଷ    ୨। ସଂସଦର ଯେକୌଣସି କକ୍ଷ    ୩। ଭାରତର ମୁଖ୍ୟ ବିଚାରପତି

**୧୦.୩**

୧। ରାଷ୍ଟ୍ରପତି    ୨। ପ୍ରଧାନମନ୍ତ୍ରୀ    ୩। ମହାଭିଯୋଗ ପ୍ରସ୍ତାବ

୪। ବାରଜଣ    ୫। ସଂସଦର ସଭ୍ୟ    ୬। ଦୋଷୀମାନଙ୍କୁ କ୍ଷମା ଦେବାର କ୍ଷମତା

୭। ଅର୍ଥଚିଠା

**୧୦.୪**

୧। ପ୍ରଧାନମନ୍ତ୍ରୀ    ୨। ପ୍ରଧାନମନ୍ତ୍ରୀ    ୩। ପ୍ରଧାନମନ୍ତ୍ରୀ

୪। ମନ୍ତ୍ରୀ ପରିଷଦ    ୫। ମନ୍ତ୍ରୀ ମଣ୍ଡଳ    ୬। କେନ୍ଦ୍ରୀୟ ମନ୍ତ୍ରୀ ମଣ୍ଡଳ

୭। ଲୋକସଭା

## ପାଠ୍ୟାନ୍ତ ଅଭ୍ୟାସ ପାଇଁ ସୂଚନା :

୧। ତଥ୍ୟପାଇଁ ୧୦.୧.୧କୁ ଦେଖ

୨। ତଥ୍ୟପାଇଁ ୧୦.୧କୁ ଦେଖ

୩। ତଥ୍ୟପାଇଁ ୧୦.୩.୨କୁ ଦେଖ

୪। ତଥ୍ୟପାଇଁ ୧୦.୩.୧କୁ ଦେଖ୍

୫। ତଥ୍ୟପାଇଁ ୧୦.୩ ଓ ୧୦.୪କୁ ଦେଖ

୬। ତଥ୍ୟପାଇଁ ୧୦.୫କୁ ଦେଖ

୭। ତଥ୍ୟପାଇଁ ୧୦.୬.୧କୁ ଦେଖ

୮। ତଥ୍ୟପାଇଁ ୧୦.୬.୨କୁ ଦେଖ

୯। ତଥ୍ୟପାଇଁ ୧୦.୭.୧କୁ ଦେଖ

୧୦। ତଥ୍ୟପାଇଁ ୧୦.୫କୁ ଦେଖ ।